# NATIONAL NEWS BULLETIN (ODIA)

## 14 October - 2026

## Evening Bulletin : 7.15 p.m.

******************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର କ୍ୟାବିନେଟ୍‌ରେ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଆଉ ୫ ବର୍ଷ ବୃଦ୍ଧି ।

– ମଞ୍ଜୁର ହେଲା ୫୩ ହଜାର ୪୨୮ କୋଟି ଟଙ୍କା ।

– ରେଳ କର୍ମଚାରୀଙ୍କ ପାଇଁ ୭୮ ଦିନର ବୋନସ୍ ।

- ଲଦାଖରେ ଆସନ୍ତାକାଲି ୫ଟି ବୃହତ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ।

- ଭାରତ-କାନାଡ଼ା ସମ୍ପର୍କର ଅଗ୍ରଗତି ନେଇ ସମୀକ୍ଷା କଲେ ଦୁଇ ଦେଶର ବୈଦେଶିକ ମନ୍ତ୍ରୀ ।

ଏବଂ

- ହାଇଦ୍ରାବାଦ୍‌ଠାରେ ଚତୁର୍ଥ ଟି-ଟ୍ୱେଣ୍ଟି କ୍ରିକେଟ୍ ମ୍ୟାଚ୍‌ରେ ଟସ୍ ଜିତି ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତର ବୋଲିଂ ନିଷ୍ପତ୍ତି ।

# କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ୨୦୨୬-୨୭ରୁ ୨୦୩୦-୩୧ ମସିହା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜାରି ରଖିବା ଲାଗି ଅନୁମୋଦିତ ହୋଇଛି । କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ସାମାଜିକ ସୁରକ୍ଷା ବ୍ୟବସ୍ଥା ପାଇଁ ୫୩ ହଜାର ୪୨୮ କୋଟି ଟଙ୍କା ମଞ୍ଜୁର କରାଯାଇଛି । ସେ କହିଛନ୍ତି, ଦିବ୍ୟାଙ୍ଗଜନ ପେନ୍‌ସନ୍ ଯୋଜନା ଅଧୀନରେ ଏହି ସହାୟତାରାଶି ୭୯ ବର୍ଷ ବୟସ ପର୍ଯ୍ୟନ୍ତ ୩୭୫ ଟଙ୍କା, ୮୦ ବର୍ଷ ଓ ତଦୁର୍ଦ୍ଧ୍ୱଙ୍କ ପାଇଁ ୬୨୫ ଟଙ୍କା ରହିବ । ଶ୍ରୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀ ସାମାଜିକ ସହାୟତା ଯୋଜନା ଅଧୀନରେ ଅକ୍ଷମତା ଚିହ୍ନଟ ଦିବ୍ୟାଙ୍ଗଜନଙ୍କ ନିମନ୍ତେ ବର୍ତ୍ତମାନ ୮୦ ପ୍ରତିଶତ ରହିଥିବା ବେଳେ ଏବେ ଏହା ୪୦ ପ୍ରତିଶତକୁ ହ୍ରାସ କରାଯିବ । ଦିବ୍ୟାଙ୍ଗଜନଙ୍କ ପେନ୍‌ସନ୍ ପାଇଁ ସର୍ବନିମ୍ନ ବୟସ ସୀମା ଜନ୍ମ ସମୟରୁ ଧାର୍ଯ୍ୟ କରାଯିବ । ଏହି ନୂତନ ପଦକ୍ଷେପ ଦ୍ୱାରା ମୋଟ୍ ୩୬ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ମୋଟ୍ ୩ କୋଟି ୨୦ ଲକ୍ଷ ହିତାଧିକାରୀ ଉପକୃତ ହେବେ ବୋଲି ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

**V/O-ASHWINI--SOCIAL-SECURITY (1)**

କେନ୍ଦ୍ର କ୍ୟାବିନେଟ୍‌ରେ ଆଜି ଆଇ.ଡି.ବି.ଆଇ. ବ୍ୟାଙ୍କ୍‌ର ରଣନୈତିକ ପୁନର୍ଗଠନ ପ୍ରକ୍ରିୟା ଅନୁମୋଦିତ ହୋଇଛି । ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ଏମ୍.ଏସ୍.ଏମ୍.ଇ. ଏବଂ ନୂତନ ଶିଳ୍ପ ଅଭିବୃଦ୍ଧି କ୍ଷେତ୍ରରେ ବ୍ୟାଙ୍କ୍‌ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ସେ ସୂଚନା ଦେଇ କହିଛନ୍ତି, ବ୍ୟାଙ୍କଗୁଡ଼ିକ ପାଇଁ ରଣନୈତିକ ଅଂଶିଦାର ଚୟନ କରାଯାଇଛି । ଏହା ମାଧ୍ୟମରେ ନୂତନ ପୁଞ୍ଜି ବିନିଯୋଗ କରାଯିବ । ଶ୍ରୀ ବୈଷ୍ଣବ କହିଛନ୍ତି, ଭାରତ ସରକାର ଏବଂ ଜୀବନ ବିମା ନିଗମ – ଏଲ୍.ଆଇ.ସି.ର ପୁନର୍ଗଠନ ସଂସ୍ଥାରେ ତାର ୩୪ ପ୍ରତିଶତ ଅଂଶ ବଳବତ୍ତର ରଖିବ ।

କେନ୍ଦ୍ର କ୍ୟାବିନେଟ୍‌ରେ ରେଳ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାର ମାନ୍ୟତା ପ୍ରଦାନ ସ୍ୱରୂପ ୧୧ ଲକ୍ଷ ୪୦ ହଜାରରୁ ଅଧିକ କର୍ମଚାରୀଙ୍କୁ ୭୮ ଦିନର ଉତ୍ପାଦ ଭିତ୍ତିକ ବୋନସ ପ୍ରଦାନକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ଏହି ବୋନସ ପ୍ରଦାନ ପାଇଁ ୨ ହଜାର, ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମନ୍ତ୍ରିମଣ୍ଡଳ ବୈଠକରେ ଅନୁମୋଦିତ ହୋଇଛି । ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ପ୍ରତି ବର୍ଷ, ପାର୍ବଣ ଋତୁ ପୂର୍ବରୁ ଯୋଗ୍ୟ ରେଳ କର୍ମଚାରୀଙ୍କୁ ବୋନସ ପ୍ରଦାନ କରାଯାଇଥାଏ । ଚଳିତ ବର୍ଷ ଅଣ-ଗେଜେଟେଡ୍ ରେଳ କର୍ମଚାରୀଙ୍କୁ ମଧ୍ୟ ୭୮ ଦିନର ଦରମା ସହ ସମାନ ବୋନୋସ ପ୍ରଦାନ କରାଯାଇଛି ।

ରେଳବାଇର କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବା ଦିଗରେ କାର୍ଯ୍ୟ କରିବା ପାଇଁ ରେଳବାଇ କର୍ମଚାରୀମାନଙ୍କୁ ଉତ୍ସାହିତ କରିବା କ୍ଷେତ୍ରରେ ବୋନସ ପ୍ରଦାନ ଏକ ପ୍ରୋତ୍ସାହନ ଭାବେ କାର୍ଯ୍ୟ କରିଥାଏ ।

**V/O-1800-ASHWINI-CABINET-BONUS**

ଶ୍ରୀ ବୈଷ୍ଣବ କହିଛନ୍ତି, ସମ୍ପ୍ରତି ରେଳବାଇରେ ବ୍ୟାପକ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି । ପ୍ରାୟ ୧ ଲକ୍ଷ, ୬୫ ହଜାର ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଚାଲିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

# ପିଏମ୍-ଲଦାଖ ପ୍ରୋଜେକ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଲଦାଖରେ ଆଭାସୀ ମାଧ୍ୟମରେ ପ୍ରାୟ ୩ ହଜାର ୩୫୦ କୋଟି ଟଙ୍କା ମୂଲ୍ୟର ୫ଟି ବୃହତ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଲଦାଖରେ ଯୋଗାଯୋଗ ସୁଦୃଢ଼, ଶକ୍ତି ଭିତ୍ତିଭୂମିର ଉନ୍ନତି, ସାଂସ୍କୃତିକ ଐତିହ୍ୟର ସୁରକ୍ଷା ଏବଂ ଜଳ ସୁରକ୍ଷା ବୃଦ୍ଧି କରିବା ହେଉଛି ଏହି ପ୍ରକଳ୍ପଗୁଡ଼ିକର ଲକ୍ଷ୍ୟ ରହିଛି । ଏହି ଅବସରରେ ସେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

ପ୍ରଧାନମନ୍ତ୍ରୀ ଲେହ ସ୍ଥିତ କୁଶୋକ ବକୁଳା ରେମ୍ପୋଚେ ବିମାନ ବନ୍ଦରରେ ୬୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ନୂତନ ଯାତ୍ରୀ ଟର୍ମିନାଲ୍ ବିଲ୍ଡିଂର ଉଦ୍‌ଘାଟନ କରିବେ । ଏହି ଟର୍ମିନାଲ୍ ୨୩ ହଜାର ୮୦୦ ବର୍ଗ

ମିଟର ପରିଧି ମଧ୍ୟରେ ଅବସ୍ଥିତ ଏବଂ ବାର୍ଷିକ ୩୫ ଲକ୍ଷ ଯାତ୍ରୀ ପରିଚାଳନା ପାଇଁ ରୂପରେଖ ପ୍ରସ୍ତୁତ କରାଯାଇଛି । ପ୍ରଧାନମନ୍ତ୍ରୀ' ସୀମା-ସଡ଼କ ସଂଗଠନ ଦ୍ୱାରା ନିର୍ମିତ ୨୯୮ କିଲୋମିଟର ଦୀର୍ଘ ନିମ୍ମୁ-ପାଦୁମ୍-ଦାର୍ଚା ସଡ଼କକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ଏହି ସଡ଼କ ଲେହର ନିମ୍ମୁ ସହିତ ହିମାଚଳ ପ୍ରଦେଶର ଦାର୍ଚା ସହିତ ସଂଯୋଗ କରିବ ।

ସେହିପରି ଶ୍ରୀ ମୋଦୀ ୯ ମେଗାୱାଟ୍ କ୍ଷମତା ବିଶିଷ୍ଟ ହାନୁ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ *୬୬* କିଲୋ ଭୋଲ୍ଟ ଡବଲ୍ ସର୍କିଟ୍ ଦାହ-ହାନୁ-ଖାଲଟ୍‌ସି ଟ୍ରାନ୍ସମିଶନ୍ ଲାଇନ୍‌ର ଉଦ୍‌ଘାଟନ କରିବେ । ଏହା ଲଦାଖର ବିଦ୍ୟୁତ୍ ନେଟ୍‌ୱାର୍କ ବ୍ୟବସ୍ଥାର ଉନ୍ନତିରେ ସହାୟକ ହେବ ।

## ଜୟଶଙ୍କର-କାନାଡ଼ା ଏଫ୍‌ଏମ୍

ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ କାନାଡ଼ାର ବୈଦେଶିକ ମନ୍ତ୍ରୀ ଅନିତା ଆନନ୍ଦ ଆଜି ବାଣିଜ୍ୟ ଓ ନିବେଶ, ଶିକ୍ଷା, ଶକ୍ତି, ପ୍ରତିରକ୍ଷା ଏବଂ ଜନସାଧାରଣଙ୍କ ମଧ୍ୟରେ ପାରସ୍ପରିକ ଭାବର ଆଦାନପ୍ରଦାନ କ୍ଷେତ୍ରରେ ଭାରତ-କାନାଡ଼ା ସମ୍ପର୍କର ଅଗ୍ରଗତି ଉପରେ ସମୀକ୍ଷା କରିଛନ୍ତି । ଉଭୟ ମନ୍ତ୍ରୀ ଆଜି ନୂଆଦିଲ୍ଲୀରେ ଏକ ବୈଠକରେ ଏ ବିଷୟରେ ଆଲୋଚନା କରିଥିଲେ । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ଉଭୟ ନେତା ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ଘଟଣାବଳୀ ଉପରେ ମତାମତ ଆଦାନପ୍ରଦାନ

କରିଛନ୍ତି । ସେ କହିଛନ୍ତି, ସରକାର ଓ ଶିଳ୍ପ ଜଗତର ନେତୃତ୍ୱ ତଥା ନିରନ୍ତର ସହଯୋଗ ଦ୍ୱାରା ପରିଚାଳିତ ହୋଇ ଉଭୟ ଦେଶ ସେମାନଙ୍କର ରଣନୈତିକ ଭାଗିଦାରିକୁ ଆଗକୁ ବଢ଼ାଉଛନ୍ତି । ଅନ୍ୟ ପକ୍ଷରେ କାନାଡ଼ାର ବୈଦେଶିକ ମନ୍ତ୍ରୀ କହିଛନ୍ତି, ବାଣିଜ୍ୟିକ ଆଲୋଚନାକୁ ଆଗକୁ ବଢ଼ାଇବାଠାରୁ ଆରମ୍ଭ କରି ଶକ୍ତି, ନବସୃଜନ ଏବଂ ସୁରକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ପର୍ଯ୍ୟନ୍ତ ଭାରତ ଓ କାନାଡ଼ା ଯେଉଁ ସ୍ଥାନରେ ପହଞ୍ଚିଛନ୍ତି ତାହା ତାଙ୍କୁ ବେଶ୍ ଉତ୍ସାହିତ କରିଛି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀମତୀ ଆନନ୍ଦ କହିଛନ୍ତି, ଏହି ସମ୍ପର୍କର ଗୁରୁତ୍ୱ ଉଭୟ ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

## ସେବା ସଂକଳ୍ପ-ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣମାନଙ୍କୁ 'ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ' କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରହଣ

କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଆମେ ଆପଣମାନଙ୍କୁ ସୂଚନା ପ୍ରଦାନ କରୁଛୁ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୨ ମସିହାରେ ପ୍ରଧାନମନ୍ତ୍ରୀ ସଂଗ୍ରହାଳୟର ଉଦ୍‌ଘାଟନ କରିଥିଲେ । ରାଷ୍ଟ୍ରର ବିକାଶ ଦିଗରେ ସମସ୍ତ ପ୍ରଧାନମନ୍ତ୍ରୀଙ୍କ ଅବଦାନକୁ ସ୍ମରଣ ସ୍ୱରୂପ ଏହା କରାଯାଇଛି । ଭାରତର ଗଣତନ୍ତ୍ର ସମାଜର ପ୍ରତ୍ୟେକ ବର୍ଗର ନେତାଙ୍କୁ ରାଷ୍ଟ୍ରଗଠନରେ କିପରି ସୁଯୋଗ ପ୍ରଦାନ କରେ ତାହା ଏହି ସଂଗ୍ରହାଳୟ ସୂଚୀତ କରିଥାଏ । ଦୁଇଟି ଅଟ୍ଟାଳିକା ବିଶିଷ୍ଟ ଏହି ସଂଗ୍ରହାଳୟ ପରିଦର୍ଶକମାନଙ୍କୁ ଭାରତର ରାଜନୈତିକ ଇତିହାସ, ଗଣତାନ୍ତ୍ରିକ ପରମ୍ପରା ଏବଂ ବିକାଶ ଯାତ୍ରା ସମ୍ପର୍କରେ ଅବଗତ କରିଥାଏ । ଏହି ସଂଗ୍ରହାଳୟରେ ବିରାନ୍‌ଗନାଓଁକି ମହାଗାଥା ନାମକ ଏକ ଆଲୋକଧ୍ୱନି କାର୍ଯ୍ୟକ୍ରମ ରହିଛି । ଯାହା ଦେଶର ଗୌରବ ରକ୍ଷା କରିବା ପାଇଁ ସାହସୀ ମହିଳା ଯୋଦ୍ଧାମାନଙ୍କ ପ୍ରେରଣାଦାୟୀ କାହାଣୀଗୁଡ଼ିକ ବର୍ଣ୍ଣନା କରିଥାଏ ।

**V/O**

# ପିଏମ୍-ଏସିଆନ୍ ଗେମ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀରେ ଏସୀୟ କ୍ରୀଡ଼ା ୨୦୨୬ରେ ଅଂଶଗ୍ରହଣ କରିଥିବା ଭାରତୀୟ ଦଳ ସହ ଆଲୋଚନା କରିବେ । ଏହି ଅବସରରେ ସେ ଉପସ୍ଥିତ ଜନତାଙ୍କୁ ମଧ୍ୟ

ସମ୍ବୋଧିତ କରିବେ । ଜାପାନର ଆଇଚି-ନାଗୋୟା ଠାରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ଭାରତ ମୋଟ୍ ୮୫ଟି ପଦକ ମଧ୍ୟରୁ ୨୧ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଓ ୩୭ଟି ବ୍ରୋଞ୍ଜ ପଦକ ଜିତି ତାଲିକାର ଚତୁର୍ଥ ସ୍ଥାନ ଅଧିକାର କରିଥିଲା । ଏସୀୟ କ୍ରୀଡ଼ାରେ ଶ୍ରେଷ୍ଠ ୫ଟି ଦେଶ ମଧ୍ୟରେ ଭାରତ କ୍ରମାଗତ ପାଇଁ ଦ୍ୱିତୀୟଥର ଏହି ସ୍ଥାନ ହାସଲ କରିଛି । ଏହା ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ଦେଶର ପ୍ରତିଯୋଗିତାମୂଳକ କ୍ଷମତାକୁ ଏହା ପ୍ରତିଫଳିତ କରିଛି ।

ଏହି କ୍ରୀଡ଼ାରେ ଭାରତ ଅନେକ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା ।

# କ୍ରିକେଟ୍

ଭାରତ-ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚଳିତ ପୁରୁଷବର୍ଗ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ହାଇଦ୍ରାବାଦ୍‌ଠାରେ ଜାରି ରହିଛି । ଟସ୍ ଜିତି ଭାରତ’ ୱେଷ୍ଟଇଣ୍ଡିଜ୍‌କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି । ସମ୍ବାଦ ପ୍ରସ୍ତୁତ ବେଳକୁ ୱେଷ୍ଟଇଣ୍ଡିଜ୍ ୩ ଓଭରରେ କୌଣସି ୱିକେଟ୍ ନ ହରାଇ ୪୦ ରନ୍ ସଂଗ୍ରହ କରିଛି ।

ଏହି ସିରିଜ୍‌ରେ ଭାରତ ଏ ପର୍ଯ୍ୟନ୍ତ ୨-୧ରେ ଆଗୁଆ ରହିଛି ।